ଟିପ୍ପଣୀ

# ୨୯

# ସମସାମୟିକ ସାଂସ୍କୃତିକ ସ୍ଥିତି

ଧରାଯାଉ ଦିନେ ସକାଳେ ଉଠିଲା ବେଳକୁ ତୁମ୍ଭେ ନିଜକୁ ଏକ ଅଜଣା ଦେଶରେ ପାଇଲ ଯେଉଁଠାରେ ଲୋକଙ୍କ ଭାଷା ତୁମ୍ଭେ ବୁଝି ପାରୁନଥିବ ତଥା ସେମାନେ ଅଲଗା ପ୍ରକାର ପୋଷାକ ପିନ୍ଧିଛନ୍ତି ଏବଂ ସେମାନଙ୍କର ଖାଦ୍ୟ ସହିତ ତୁମ୍ଭେ ଅଭ୍ୟସ୍ତ ନୁହଁ। ସେମାନଙ୍କର ଆଚାର ବ୍ୟବହାର ନ ଶିଖିବା ପର୍ଯ୍ୟନ୍ତ ତୁମ୍ଭକୁ ସେଠାରେ ବଞ୍ଚି ରହିବା ଅସମ୍ଭବ ବୋଲି ମନେହେବ। ଉକ୍ତ ଜୀବନ ଶୈଳୀ ସହିତ ଅନ୍ୟ ବହୁତ କିଛି ଜିନିଷ ଆମ୍ଭର ସଂସ୍କୃତିକୁ ଜନ୍ମ ଦେଇଥାଏ।

ତୁମ୍ଭେ ଦେଖ ଆମ୍ଭେ ସମସ୍ତେ ବିଭିନ୍ନ ସଂସ୍କୃତିରେ ଜନ୍ମ ନେଇ ଅଛୁଁ। ଏହା ଆମ୍ଭର ସ୍ଥାନ, ଧର୍ମ, ଜାତି ବା ଶ୍ରେଣୀ ଅନୁସାରେ ପରିବର୍ତ୍ତିତ ହୁଏ। ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆମ୍ଭେ ସମସ୍ତେ ସ୍ୱତଃ ପ୍ରବୃତ ଭାବରେ ପ୍ରାୟ ଅନେକ ସାଂସ୍କୃତିକ ପ୍ରଥାକୁ ଗ୍ରହଣ କରିନେଇଥାଉ। ଏଗୁଡିକରୁ ଅନେକ ଆମ୍ଭେ ଆମ୍ଭ ପୂର୍ବଜମାନଙ୍କଠାରୁ ଏବଂ ଆଉ କିଛି ଶତାବ୍ଦି, ଶତାବ୍ଦୀ ଯୁଗଠାରୁ ଗ୍ରହଣ କରିଅଛୁ। ଅନ୍ୟ କେତେକ ସହସ୍ରାବ୍ଦୀ ପୁରୁଣା ପରମ୍ପରା ଅଟେ। ଏଥିସହିତ ସାଂସ୍କୃତିକ ପ୍ରଥାଗୁଡିକ ମଧ୍ୟ ବଦଳି ଯାଉଅଛି। ଏହି ପାଠ୍ୟକ୍ରମରେ ଆମ୍ଭେ ସଂସ୍କୃତି ସହିତ ନିଜର ସମ୍ପର୍କକୁ ଖୋଜି ବାହାର କରିବା।

## ଉଦ୍ଦେଶ୍ୟ

ଏହା ଅଧ୍ୟୟନ କରିବା ପରେ ତୁମେ:-

- ସଂସ୍କୃତିକୁ ପରିଭାଷିକ କରିପାରିବ।
- ସଂସ୍କୃତି କି ଆକାର ନିଏ ଏହାର ବିଶ୍ଲେଷଣ କରିପାରିବ।
- ସାଂସ୍କୃତିକ ପ୍ରକ୍ରୀୟା ବୁଝାଇ ପାରିବ।
- ବିଶ୍ୱକରଣର ବିଶ୍ଲେଷଣ କରିପାରିବ।

## ୨୯.୧ ସଂସ୍କୃତିର ଅର୍ଥ ଆମେ କ'ଣ ବୁଝୁ

**ସାଂସ୍କୃତିକ ଅଭିବ୍ୟକ୍ତିର ପ୍ରକାର:-** ଆମ୍ଭେ ଯେତେବେଳେ ରେଡିଓ, ଟିଭି ଅଥବା ମଂଚ ଉପରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଣୁ ଅଥବା ଦେଖୁ ସେଥିରେ ସାଧାରଣତଃ ସଙ୍ଗୀତ, ଗୀତ ବା ନୃତ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। ଏଗୁଡିକ ମଧ୍ୟରୁ ପ୍ରତ୍ୟେକ ସାଂସ୍କୃତିକ ଅଭିବ୍ୟକ୍ତିର ଏକ ରୂପ ଅଟେ। ଏହିପରି ପ୍ରତ୍ୟେକ ରୂପ ଏକ ବାର୍ତ୍ତା ପ୍ରଦାନ କରିଥାଏ। ଉଦାହରଣ ସ୍ୱରୂପ

ଟିପ୍ପଣୀ

ଧ୍ୟାନମଗ୍ନ ଥିବା ଏକ ବୁଦ୍ଧଙ୍କର ମୂର୍ତ୍ତୀ (ଚିତ୍ର ୨୯.୧) ନିଶବ୍ଦ ତଥା ଶାନ୍ତିର ଭାବନା ମନରେ ସୃଷ୍ଟି କରିଥାଏ ।



ଚିତ୍ର୨୯.୧ ବୁଦ୍ଧ



୨୯.୨ କୁତବମିନାର

ଜଣେ ବ୍ୟକ୍ତି ଗୀତ/ଲୋକ କଥା ଶିକ୍ଷା ଏବଂ ମନୋରଞ୍ଜନ ପ୍ରଦାନ କରିପାରେ ସେହିପରି କୁତବମିନାର ଭଳି (୨୯.୨) ବିଶାଳ ଅଟ୍ଟାଳିକା ଆମ ମନରେ ବିସ୍ମୟ ସୃଷ୍ଟି କରିପାରେ । ଅନ୍ୟ ଶବ୍ଦରେ କହିବାକୁ ଗଲେ ସଂସ୍କୃତି ଦ୍ୱାରା ବିଭିନ୍ନ ପ୍ରକାର ଚିନ୍ତାଧାରା (idea)କୁ ସମ୍ପ୍ରେଷିତ କରିବାପାଇଁ ବ୍ୟବହାର କରାଯାଇଥାଏ । ପାଠ୍ୟକ୍ରମ ୩୧ରେ ଏହାର ଅନ୍ୟାନ୍ୟ ଉଦାହରଣ ଆମ୍ଭେ ଦେଖିପାରିବା ।

ଭାରତରେ ଆମ୍ଭେ ସଂସ୍କୃତିର ଏକ ବିଶାଳ ପ୍ରକାର ଭେଦ ଦେଖିବାକୁ ପାଉଁ । ଏମାନଙ୍କ ମଧ୍ୟରୁ କେତେକ ମୂର୍ତ୍ତୀକଳା, ଚିତ୍ରକଳା, ବାସ୍ତୁଶିଳ୍ପ, ସାହିତ୍ୟ ଏବଂ ସଙ୍ଗୀତ ଅଟେ । ଏଗୁଡ଼ିକରୁ ପ୍ରତ୍ୟେକ ବିଭିନ୍ନ ଶ୍ରେଣୀରେ ବିଭାଜିତ । ଉଦାହରଣ ସ୍ୱରୂପ ଆମ୍ଭେ ସଂଗୀତ ବିଷୟରେ ବିଚାର କଲେ ଏହାର ବିଭିନ୍ନ ପ୍ରକାର ଆମ୍ଭ ମାନସପଟରେ ଉଦ୍ରେକ ହୁଏ ଯଥା:-ଲୋକଗୀତ, ସିନେମାଗୀତ, ଭଜନ, କଓ୍ୱାଲୀ ଇତ୍ୟାଦି ଯାହାକି ଏକ ନିର୍ଦ୍ଧିଷ୍ଟ ଉଦ୍ଦେଶ୍ୟରେ ତଥା ଏକ ବିଶେଷ ସମୟରେ ଗାନ କରାଯାଉଥିଲା । ତୁମ୍ଭେ ଜାଣିଥିବ ଯେ କେତେକ ସିନେମା ସଙ୍ଗୀତଗୁଡ଼ିକ ଭଜନ ଅଥବା ଲୋକ ଗୀତର ସ୍ୱର ଉପରେ ପର୍ଯ୍ୟବେଶିତ ଅଟେ । ତୁମ୍ଭେ କେଉଁ ଉପାୟରେ ଚିନ୍ତା କର ଯେ ଏକ ସିନେମାର ଭଜନ ଜଣେ ଭକ୍ତଙ୍କ ଦ୍ୱାରା ମନ୍ଦିରରେ ଗାଉଥିବା ଭଜନଠାରୁ ଅଲଗା ?

## ୨୯.୨ ଲୋକପ୍ରିୟ ଅଥବା ଲୋକ ସଂସ୍କୃତି

ସାଧାରଣ ଲୋକମାନେ ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରାର ବିକାଶ କରିଥିଲେ ଯାହାକୁ ଲୋକପ୍ରିୟ କୁହାଯାଏ ଏବଂ ଏହି ଶବ୍ଦର ଅର୍ଥ ହେଲା ଲୋକଙ୍କର । ଲୋକମାନେ ନୃତ୍ୟ, ସଙ୍ଗୀତ ଏବଂ ଗପସପ ମାଧ୍ୟମରେ ନିଜକୁ ପରିପ୍ରକାଶ କରନ୍ତି ତଥା ସାଂସ୍କୃତିକ ମୂଲ୍ୟର ଭାବ ପ୍ରକାଶ କରନ୍ତି । ଏ ସବୁ ଦ୍ୱାରା ଲୋକ ସଂସ୍କୃତିର ଆବିର୍ଭାବ ହୁଏ ।

ନିଜର ସୀମିତ ଭୌତିକ ସଂସାଧନ ହେତୁ ସାଧାରଣ ଲୋକ ଭବ୍ୟ ସ୍ମାରକ (Grand Monuments) ତିଆରି କରି ପାରିବେ ନାହିଁ ପରନ୍ତୁ ସେ ଛୋଟ ଛୋଟ ଅସଂଖ୍ୟ ବସ୍ତୁ ତିଆରି


କରି ଏହାର ବ୍ୟବହାର କରିପାରିବେ ଯାହାକି ଅତ୍ୟନ୍ତ ମନୋରମ ହୋଇଥାଏ । ଏଗୁଡିକରୁ କିଛି ନିତିଦିନିଆ କାମରେ ବ୍ୟବହାର ହେବାସ୍ଥଳେ ଅନ୍ୟଗୁଡିକ କୌଣସି ବିଶେଷ ଦିନରେ ବ୍ୟବହାର ପାଇଁ ସାଇତା ହୋଇ ରହିଥାଏ । ଦୁର୍ଭାଗ୍ୟବଶତଃ ଏହାକୁ ତିଆରିରେ ଲାଗୁଥିବା ଅଧିକାଂଶ ବସ୍ତୁଗୁଡିକ କ୍ଷୟଶୀଳ ଯଥା:-ବେତ, ଲୁଗା, କାଠ, ପତ୍ର ଓ ମାଟି । ଏଗୁଡିକ ବେଶିଦିନ ପର୍ଯ୍ୟନ୍ତ ରହି ନଥାଏ । ଏଣୁ ଆମେ ପ୍ରାଚୀନ କାଳର ଜନସାଧାରଣଙ୍କ ସଂସ୍କୃତି ବିଷୟରେ ବହୁତ କମ୍ ଜାଣିବାକୁ ପାଇଥାଉଁ ।



ଚିତ୍ର ୨୯.୩ କୈଳାଶ ନାଥ ମନ୍ଦିର

## ୨୯.୩ ଶାସ୍ତ୍ରୀୟ ସଂସ୍କୃତି

ଭାରତ ନାଟ୍ୟମ୍ ଭଳି ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ହିସାବରେ ମାନ୍ୟତା ଦିଆଯାଇଛି । ଏହାର ଅର୍ଥ ହେଲା ଯେ ଅନ୍ୟମାନଙ୍କ ମଧ୍ୟରେ ଏହା ଏକ କଳାତ୍ମକ ଅଭିବ୍ୟକ୍ତିର ଉତ୍କୃଷ୍ଟ ରୂପ । ଏହିପର ଭାବରେ କାଳିଦାସଙ୍କୁ ଶାସ୍ତ୍ରୀୟ ସଂସ୍କୃତ ସାହିତ୍ୟର କବି ଭାବରେ ଉଦାହରଣ ଦିଆଯାଏ । ଚୋଳ ରାଜାମାନଙ୍କ ଦ୍ୱାରା ନିର୍ମିତ କରାଯାଇଥିବା ମନ୍ଦିରଗୁଡିକୁ ଶାସ୍ତ୍ରୀୟ ମନ୍ଦିର-ବାସ୍ତୁକଳାର ଉଦାହରଣ ବୋଲି ଗଣନା କରାଯାଏ । ଏହିପରି ଭାବରେ ତାଜମହଲ (ଚିତ୍ର ୨୯.୪)କୁ ମୋଗଲ ବାସ୍ତୁକଳାର ଉଦାହରଣ ବୋଲି ଧରାଯାଏ ।



ଚିତ୍ର ୨୯.୪ ତାଜମହଲ



ଟିପ୍ପଣୀ

ଆମ୍ଭର ଉପରୋକ୍ତ ମହାନ କାର୍ଯ୍ୟପାଇଁ ଗର୍ବ କରିବା ଉଚିତ୍। କିନ୍ତୁ ଆମ୍ଭକୁ ମନେରଖିବା ଉଚିତ୍ ଯେଉଁ ସମୟରେ କାଳିଦାସ (ଚତୁର୍ଥ ଶତାବ୍ଦୀ)ଲେଖୁଥିଲେ ସେ ସମୟରେ ଉତ୍ତର ତଥା ମଧ୍ୟଭାରତରେ ଅଧିକାଂଶ ଲୋକ ପ୍ରାକୃତ ଭାଷା (ଯେଉଁ ଭାଷାରୁ ଆଧୁନିକ ଭାରତୀୟ ଭାଷାର ବିକାଶ ହୋଇଅଛି)ର ବିଭିନ୍ନ ରୂପକୁ ବ୍ୟବହାର କରୁଥିଲେ। ତେଣୁ ଲୋକମାନେ କାଳିଦାସଙ୍କ ନାଟକର ପ୍ରାକୃତ ଅଂଶ (Prakrit portion) ବୁଝୁଥିବା ବେଳେ ଏହାର ସଂସ୍କୃତ ଶ୍ଳୋକଗୁଡ଼ିକୁ ବୁଝିବା ପାଇଁ ସମର୍ଥ ହୋଇ ନଥିଲେ। ଏବେ ବର୍ଣ୍ଣନା କରାଯାଇଥିବା ଉତ୍କୃଷ୍ଟ ସ୍ମାରକଗୁଡ଼ିକରେ ସର୍ବ ସାଧାରଣଙ୍କ ପାଇଁ ପ୍ରବେଶ କରିବା ସହଜ ସାଧ୍ୟ ନଥିଲା। କାରଣ ଏଗୁଡ଼ିକରେ ପ୍ରବେଶ ପାଇଁ ଧର୍ମ ଏବଂ ଜାତିର ଆଧାରକୁ ଗୁରୁତ୍ୱ ଦିଆଯାଉଥିଲା।

ଏହି ପ୍ରକାର ଶାସ୍ତ୍ରୀୟ ସଂସ୍କୃତିର ପ୍ରବୃତ୍ତି ଅତ୍ୟଧିକ ବିକଶିତ ହେବା ସହିତ ତା'ର ବୈଶିଷ୍ଟ୍ୟତା ଥିଲା। ପ୍ରାୟ ବିଗତ ଦୁଇ ଶତାବ୍ଦୀ ହେଲା ଅଧିକାଂଶ ସଂସ୍କୃତ ଗ୍ରନ୍ଥଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରାଯାଇଅଛି ଏବଂ ସ୍ମାରକଗୁଡ଼ିକ ସର୍ବ ସାଧାରଣଙ୍କ ପାଇଁ ଉନ୍ମୁକ୍ତ ହୋଇଅଛି।

ଶତାବ୍ଦି ଧରି ଲୋକ ଏବଂ ଶାସ୍ତ୍ରୀୟ ସଂସ୍କୃତି ଏକତ୍ର ରହି ଆସିଛନ୍ତି ଏବଂ ପରସ୍ପର ସହିତ ଯୋଗସୂତ୍ର ରଖି ଆସିଛନ୍ତି। ସେମାନେ ପରସ୍ପରର ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ତାହାକୁ ଗ୍ରହଣ କରିଛନ୍ତି।

### ମାନବ ବିଜ୍ଞାନୀମାନେ ସଂସ୍କୃତିକୁ କିପରି ପରିଭାଷିତ କରନ୍ତି

ମାନବ ବିଜ୍ଞାନର ଆକ୍ଷରିକ ଅର୍ଥ ହେଲା ମାନବ ସମ୍ପର୍କରେ ଅଧ୍ୟୟନ କରିବା। ସାଂସ୍କୃତିକ ଏବଂ ସାମାଜିକ ମାନବ ବିଜ୍ଞାନୀମାନେ ରୀତିନୀତି, ବିଶ୍ୱାସ, ସାମାଜିକ ପ୍ରଥା ସହିତ ବର୍ତ୍ତମାନର ସମାଜକୁ ଅଧ୍ୟୟନ କରନ୍ତି। ତେଣୁ ମାନବ ବିଜ୍ଞାନୀମାନେ ଯେତେବେଳେ ସଂସ୍କୃତି ବିଷୟରେ ଲେଖନ୍ତି ସେଥିରେ ଏହିଗୁଡ଼ିକ ମଧ୍ୟରୁ କେତେକ ଅଥବା ସମସ୍ତ ବିଷୟକୁ ଅନ୍ତର୍ଭୁକ୍ତ କରିଥାଆନ୍ତି।

### ପ୍ରତ୍ନତତ୍ତ୍ୱବିତ୍ ଏବଂ ସଂସ୍କୃତି

ଆମ୍ଭ ପରି ଯେଉଁମାନେ ଖାଆନ୍ତି ଏବଂ ପିନ୍ଧନ୍ତି ସେମାନଙ୍କ ସହିତ ଆମ୍ଭର କିଛି ସମାନତା ଥାଏ କିନ୍ତୁ ତା'ଠାରୁ ଭିନ୍ନ ପ୍ରକାର ଖାଦ୍ୟ ଖାଉଥିବା ଏବଂ ପିନ୍ଧୁଥିବା ଲୋକମାନେ ଆମ୍ଭଠାରୁ ଅଲଗା ସଂସ୍କୃତିର ଲୋକବୋଲି ବୁଝିଥାଉଁ। ସଂସ୍କୃତିର ଏହି ପରିଭାଷା ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଦିଆଯାଇଥିବା ପରିଭାଷା ସହିତ ବହୁତ ସାମଞ୍ଜସ୍ୟ ଅଛି। ପ୍ରତ୍ନତତ୍ତ୍ୱବିତ୍‌ମାନେ ଗୃହ, ଉପକରଣ, ବ୍ୟବହୃତ ପାତ୍ର ଓ ମୂର୍ତ୍ତି ଆଦିକୁ ଅଧ୍ୟୟନ କରି ଅତୀତରେ କିଭଳି ଲୋକମାନେ ରହୁଥିଲେ ତାହାକୁ ପରିଭାଷିତ କରିବା ପାଇଁ ଚେଷ୍ଟା କରନ୍ତି। ଏହିସବୁ ବସ୍ତୁଗୁଡ଼ିକୁ ଦେଖି ହୁଏ ଏବଂ ସ୍ପର୍ଶ କରି ହୁଏ ଏବଂ ଏଗୁଡ଼ିକ କମ୍ ବେଶୀ ସ୍ଥାୟୀ ଅଟନ୍ତି ଏବଂ ସେଗୁଡ଼ିକ ଆମ୍ଭର ଭୌତିକ ଜୀବନର ଏକ ଅଂଶ ଅଟେ। ଆମ ଭୌତିକ ସଂସ୍କୃତିର ଉତ୍ପତ୍ତିର କେତେକ ଦିଗ ବିଷୟରେ ତୁମ୍ଭେ ଅଧିକ କିଛି ଆଗ ପାଠ୍ୟକ୍ରମରେ (୩୦)ପଢ଼ିବ।

ଟିପ୍ପଣୀ

ଲୁଗାପଟା ଏବଂ ଖାଦ୍ୟ ମଧ୍ୟ ଆମ୍ଭର ଭୌତିକ ସଂସ୍କୃତିର ଏକ ଅଙ୍ଗ ଥିବା ବେଳେ ଏହା ଖୁବ୍ ଶୀଘ୍ର କ୍ଷୟ ହୋଇଥାଏ । ଯାହାଫଳରେ ପ୍ରତ୍ନତତ୍ତ୍ୱବିତମାନେ ପୂର୍ବ କାଳରେ ବ୍ୟବହାର ହେଉଥିବା ଖାଦ୍ୟ ଏବଂ ଲୁଗାପଟାର କିଛି ଅବଶେଷ ପାଇଛନ୍ତି କିନ୍ତୁ ତାହା ଅନ୍ୟାନ୍ୟ ଜିନିଷ ଯଥା ବାସନକୁସନ, ଯନ୍ତ୍ରପାତି ତଥା ଅସ୍ତ୍ରଶସ୍ତ୍ର ତୁଳନାରେ ଅତି ନଗନ୍ୟ ଅଟେ ।

ଆମ୍ଭେ ତାପରେ ଦେଖିବା ଯେ ସଂସ୍କୃତି ବିଭିନ୍ନ ପ୍ରକାରରେ ପରିଭାଷିତ କରାଯାଇଥାଏ ।

(କ) ସାଂସ୍କୃତିକ ଅଭିବ୍ୟକ୍ତି ରୂପରେ (ଯଥା:-ଗୀତ, ସଙ୍ଗୀତ, ନୃତ୍ୟ, ଚିତ୍ରକଳା, ସ୍ଥାପତ୍ୟ, ବାସ୍ତୁକଳା ଇତ୍ୟାଦି)

(ଖ) ସାମାଜିକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବା ବ୍ୟବହାର କରାଯାଉଥିବା ଯେ କୌଣସି ସାଂସ୍କୃତିକ ଧାରା (ଯଥା:-ଲୋକପ୍ରିୟ/ ଲୋକ, ଶାସ୍ତ୍ରୀୟ/ଆଭିଜାତ୍ୟ)

(ଗ) ବ୍ୟାପକ ଭାବରେ କହିବାକୁ ଗଲେ ସାମାଜିକ, ଧାର୍ମିକ ଏବଂ ଭୌତିକ ଜୀବନର ବିଭିନ୍ନ ଦିଗ ଗୁଡ଼ିକ ।

ତୁମ୍ଭେ ଦେଖିଲଣି ଯେ ଉକ୍ତ ପରିଭାଷାଗୁଡ଼ିକ କିପରି ପରସ୍ପର ଉପରେ ଜଡ଼ିତ ? ଉକ୍ତ ଚିତ୍ରରେ ଥିବା ଗୃହ ଉପରେ ଦୃଷ୍ଟି ନିକ୍ଷେପ କର (ଚିତ୍ର ୨୯.୫) ଏହାର ଆକୃତି ଅନୁସାରେ ଆମ୍ଭେ ଏହାକୁ ଏକ ବାସ୍ତୁ କଳାର (ମୂର୍ତ୍ତିକଳା ବା ସଙ୍ଗୀତର ବିପକ୍ଷରେ) ଉଦାହରଣ ବୋଲି ଏହାକୁ ବର୍ଗୀକୃତ କରାଯାଏ । ଏଥି ସହିତ ଏହା ମଧ୍ୟ ଏକ ଲୋକ ବା ଲୋକପ୍ରିୟ ସଂସ୍କୃତିର ଉଦାହରଣ ଅଟେ କାରଣ ଏହା ସେହି ଲୋକମାନଙ୍କର ଭୌତିକ ସଂସ୍କୃତିର ଏକ ଅଙ୍ଗ ଯେଉଁମାନେ ଏହାକୁ ତିଆରି କରି ସେଥିରେ ରହୁଥିଲେ । ଅନ୍ୟ ଉଦାହରଣ: ଅଜନ୍ତାର ଚିତ୍ରକୁ ଶାସ୍ତ୍ରୀୟ ଧାର୍ମିକ ଚିତ୍ର ରୂପେ ବର୍ଗୀକୃତ କରାଯାଇପାରେ । ଅଲଗା ପାଠ୍ୟରେ ତୁମ୍ଭେ ପଢ଼ିବ ଯେ ସାଂସ୍କୃତିକ ରୂପକୁ କିପରି ପ୍ରସ୍ତୁତ କରାଯାଏ ।



ଚିତ୍ର ୨୯.୫ ଏକ ଗୃହ



ଟିପ୍ପଣୀ

## ପାଠଗତ ପ୍ରଶ୍ନ ୨୯.୧

୧. ନିମ୍ନଲିଖିତଗୁଡିକୁ ଯୋଡ।

| | |
|---|---|
| (କ) ନୃତ୍ୟ | ସଂସ୍କୃତ କବିତା |
| (ଖ) ତାଜମହଲ | ସାଂସ୍କୃତିକ ଅଭିବ୍ୟକ୍ତିର ରୂପ |
| (ଗ) କାଳିଦାସ | ମୋଗଲ ବାସ୍ତୁକଳା |
| (ଘ) ମନଃବିଜ୍ଞାନ | ଭୌତିକ ସାଂସ୍କୃତି |
| (ଙ) ପ୍ରତ୍ନତତ୍ତ୍ୱବିତ୍ | ସାମାଜିକ ରୀତିନୀତି |

**୨. ସତ୍ୟ ଅଥବା ମିଥ୍ୟା ପ୍ରତିପାଦନ କର।**

(କ) ସିନେମା ସଙ୍ଗୀତ କେବେହେଲେ ଲୋକଗୀତ ଉପରେ ଆଧାରିତ ହୋଇପାରିବ ନାହିଁ।

(ଖ) ଗଳ୍ପ କହିବା ଲୋକ ସଙ୍ଗୀତରେ ଏକ ଅଙ୍ଗ।

(ଗ) କ୍ରୀୟା ପଦ୍ଧତି (rituals) ଆମ ସଂସ୍କୃତିର ଅଙ୍ଗ ନୁହେଁ।

(ଘ) ଗୃହ, ଲୁଗାପଟା ଓ ଖାଦ୍ୟ ଆମ ଭୌତିକ ସଂସ୍କୃତିର ଅଙ୍ଗ ଅଟେ।

(ଙ) ଲୋକ ସଂସ୍କୃତି ଓ ଶାସ୍ତ୍ରୀୟ ସଂସ୍କୃତି ପରସ୍ପରକୁ ପ୍ରଭାବିତ କରନ୍ତି ନାହିଁ।

## ୨୯.୪ ସଂସ୍କୃତି କିପରି ଆକାର ନିଏ (How culture is shapped)

ଆମ୍ଭ ସାଂସ୍କୃତିକ ଅଭିବ୍ୟକ୍ତିର ଦୃଶ୍ୟମାନ ଆକାର ସାଧାରଣତଃ ଧର୍ମ ସହିତ ଜଡିତ। ବାସ୍ତୁକଳାରେ ସାଞ୍ଚି ସ୍ତୁପ (ମଧ୍ୟ ପ୍ରଦେଶ) ପୂର୍ବ ବର୍ଣ୍ଣିତ ଦକ୍ଷିଣ ଭାରତୀୟ ମନ୍ଦିରଗୁଡିକ ଏବଂ ଦିଲୱ଼ର (ରାଜସ୍ଥାନରେ)ରେ ଥିବା ମନ୍ଦିରଗୁଡିକ ସହିତ ଦିଲ୍ଲୀର ଜୁମା ମସ୍‌ଜିଦ୍ (ଚିତ୍ର ଦେଖ)ଗୁଡିକ ଧାର୍ମିକ ପ୍ରୟୋଜନ ନିମନ୍ତ ସୁନ୍ଦର ସୌଧମାନଙ୍କର ଏକ ବିଶାଳ ଉଦାହରଣ ଅଟେ।

ଧର୍ମ ଯୁଗ ଯୁଗ ଧରି ଆମ୍ଭର କେତେକ ସର୍ବୋତ୍ତମ କବିତା ତଥା ସଙ୍ଗୀତକୁ ପ୍ରୋତ୍ସାହିତ କରି ଆସିଅଛି। ଏଥିରେ ବୈଦିକ ମନ୍ତ୍ରଚାରଣ, ବୌଦ୍ଧ ଭିକ୍ଷୁ ଏବଂ ଭିକ୍ଷୁଣୀଙ୍କର ରଚନାଗୁଡ଼ିକ ଏବଂ ସର୍ବାଧିକ ପରିଚିତ ଭକ୍ତିବାଦ ଓ ସୁଫିବାଦର ସନ୍ଥଙ୍କ ଦ୍ୱାରା ରଚିତ ସାହିତ୍ୟ ଆଦି ଅନ୍ତର୍ଭୁକ୍ତ।

ତାମିଲନାଡୁର ବୈଷ୍ଣବ ଓ ଶୈବ-ଭକ୍ତି ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ରହିଥିଲା। ଏଥିରେ ଅନ୍ଦଳ ନାମକ ମହିଳାଙ୍କ ରଚନା ମଧ୍ୟ ସ୍ଥାନ ପାଇଥିଲା। ଚଉଦଶହ ଶତାବ୍ଦୀର ଲାଇ ଦେଡ୍ ନାମକ ମହିଳା ସନ୍ଥ ହେଉଛନ୍ତି ପ୍ରାଚୀନତମ କାଶ୍ମୀରର ଜଣେ ସୁପ୍ରସିଦ୍ଧ କବି।

ଆଜିକାଲି ମୀରାବାଈ, ଗୁରୁ ନାନକ ଏବଂ କବୀର ଭଳି ମଧ୍ୟ କାଳୀନ ସନ୍ଥ କବିମାନେ ନିଜ ନିଜ ଧର୍ମୟଙ୍କ ବ୍ୟତୀତ ସାରା ଭାରତରେ ସମ୍ମାନ ପାଉ ଅଛନ୍ତି। ସର୍ବସାଧାରଣ ଲୋକଙ୍କ ଭାଷା କହୁଥିବା କେତେକ ସନ୍ଥମାନେ ନୀଚ ବର୍ଗର ଅଟନ୍ତି। ସେମାନଙ୍କ ରଚନାଗୁଡିକ ଯାହାକି ଆମ୍ଭ

ଲୋକ ସଂସ୍କୃତିର ଏକ ଅଙ୍ଗ ଅଟେ, ଶତାବ୍ଦି ଧରି ମୌଖିକ ରୂପେ ଆମ୍ଭ ପାଖକୁ ସମ୍ପ୍ରେଷିତ ହୋଇ ଆସିଅଛି ।




ଚିତ୍ର ୨୯.୬ ସାଞ୍ଚି ସ୍ତୁପ



ଚିତ୍ର ୨୯.୭ ଦିଲୱାରା ମନ୍ଦିର

ଆମ୍ଭର ଧର୍ମ ବିଶ୍ୱାସ ମଧ୍ୟ ଆମ୍ଭର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଅଛି । ବେଳେବେଳେ ବୈବାହିକ ବିଧିବିଧାନ, ଆମ୍ଭେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ଲୁଗାପଟା ଗୁଡ଼ିକ ଧାର୍ମିକ ନିୟମ ଦ୍ୱାରା ପରିଚାଳିତ । ପ୍ରାୟ ଅନେକ ସମୟରେ ଆମର ଖାଇବା ପିଇବା, ପୋଷାକ ପରିଚ୍ଛଦ ପିନ୍ଧିବା ଅଥବା ଆମର ବୈବାହିକ ବିଧିବିଧାନ ଧର୍ମ ବ୍ୟତୀତ ଆଞ୍ଚଳିକ ପ୍ରଭାବ ଦ୍ୱାରା ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ ପଞ୍ଜାବରେ ଥିବା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ ଓ ଶିଖ ମହିଳାମାନେ ସାଧାରଣତଃ ସେଲୱାର କାମିଜ ପିନ୍ଧୁଥିବା ବେଳେ ତାମିଲନାଡୁରେ ସେମାନେ ସମସ୍ତେ ସାଧାରଣତଃ ଶାଢ଼ୀ ପରିଧାନ କରନ୍ତି । ଆମ୍ଭର ସାଂସ୍କୃତିକ ପ୍ରଥାଗୁଡ଼ିକୁ ଆମ୍ଭର ଧାର୍ମିକ ବିଶ୍ୱାସ ଅନେକାଂଶରେ ରୂପାୟିତ କରୁଥିଲେ ମଧ୍ୟ ତାହା କେବଳ ମାତ୍ର ପ୍ରଭାବକାରୀ ଭାବେ ପରିଗଣିତ ହୁଏ ନାହିଁ ।




ଚିତ୍ର ୨୯.୮ ଜାମା ମସ୍‌ଜିଦ୍


## ୨୯.୫ ଆମ ସାମାଜିକ ଓ ଆର୍ଥିକ ସ୍ଥିତି

ଆମର ଅନେକ ସାଂସ୍କୃତିକ ପ୍ରଥାଗୁଡ଼ିକ ଆମର ସାମାଜିକ ଏବଂ ଆର୍ଥିକ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ଉଦାହରଣ ସ୍ୱରୂପ ଆମର ସାମାଜିକ ସ୍ଥିତି ଆମର ପିନ୍ଧୁଥିବା ପୋଷାକକୁ ପ୍ରଭାବିତ କରିପାରୁଛି । ତୁମ୍ଭେ ଦେଖିଥିବ ଯେ ବିବାହିତ, ଅବିବାହିତ ଏବଂ ବିଧବା ମହିଳାମାନେ ଅଲଗା ଅଲଗା ପ୍ରକାରର ପୋଷାକ ପିନ୍ଧନ୍ତି ।

ବେଳେବେଳେ ଆମର ସାଂସ୍କୃତିକ ପ୍ରଥାଗୁଡ଼ିକ ଆମର ସାମାଜିକ ତଥା ଆର୍ଥିକ ଉଭୟ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ଏଥିରେ ଆମର ସଙ୍ଗୀତ ସମ୍ବନ୍ଧରେ ରୁଚି ଓ ପସନ୍ଦ ଭଳି ଇଚ୍ଛା



ଚିତ୍ର ୨୯.୯ ଯୋଧପୁର ଦୁର୍ଗ



ଚିତ୍ର ୨୯.୧୦ ଜୟପୁର ଦୁର୍ଗ



ଟିପ୍ପଣୀ

ରହିଥାଏ ଯେପରି ଆମର ଲୋକଗୀତ ପସନ୍ଦ ନା ସିନେମା ଗୀତ, ଶାସ୍ତ୍ରୀୟ ସଙ୍ଗୀତ ପସନ୍ଦ ନା ପଶ୍ଚିମି ପପ୍ ସଙ୍ଗୀତ । ଯେତେବେଳେ ଆମେ ରେଡ଼ିଓରୁ ଶୁଣି ଶୀଘ୍ର ହିନ୍ଦୀ ସିନେମା ଗୀତ ଶିଖିପାରିବା ସେତେବେଳେ ଆମକୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିବା ବହୁତ କଷ୍ଟ ସାଧ୍ୟ ଏବଂ ବ୍ୟୟ ବହୁଳ ହୋଇଥାଏ । ଏହା ଅଧିକ ସମୟସାପେକ୍ଷ ଏବଂ ଆମପରି ବହୁତ ଲୋକଙ୍କୁ ଏହା ପାଇଁ ଏତେ ସମୟ ଦେବା ସମ୍ଭବ ହୋଇ ନଥାଏ ।

ଆମ ଦ୍ୱାରା ତିଆରି ଏବଂ ବ୍ୟବହାର କରାଯାଉଥିବା ବସ୍ତୁଗୁଡିକ ମଧ୍ୟ ଆମର ଆର୍ଥିକ ସ୍ଥିତି ଦ୍ୱାରା ସୀମିତ ହୋଇଥାଏ । ଇଚ୍ଛା କଲେ ମଧ୍ୟ ଆମମାନଙ୍କ ମଧ୍ୟରୁ କେହି ଏକ ତାଜମହଲ ତିଆରି କରିପାରିବ ନାହିଁ । ଏହା କେବଳ ଏକ ବୃହତ୍ତ ଏବଂ ସମୃଦ୍ଧ ସାମ୍ରାଜ୍ୟର ଶାସକ ଶାହାଜାହାନଙ୍କ ପାଇଁ ସମ୍ଭବ ହୋଇଥିଲା ।

> ଶାହାଜାହାନ ତାଜମହଲର ନିର୍ମାଣ ନିଜ ପତ୍ନୀ ମମତାଜ ମହଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୬୩୨ ମସିହାରେ ଆରମ୍ଭ କରିଥିଲେ । ଏହାର ନିର୍ମାଣ ପାଇଁ ପୁରା ବାଇଶ ବର୍ଷ ଲାଗିଥିଲା ଏବଂ ନିର୍ମାଣର ପ୍ରାରମ୍ଭରେ ବାଇଶ ହଜାର ଶ୍ରମିକ ପ୍ରତିଦିନ କାମ କରୁଥିଲେ । ଉକ୍ତ ନିର୍ମାଣରେ ଚାରିକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଯାହାକି ସେହି ସମୟ ପାଇଁ ଏକ ବିଶାଳ ଅଙ୍କ ହୋଇଥିଲା ।

ବାସ୍ତବରେ ଆମେ ଦେଖୁଥିବା ସୁନ୍ଦର ଦୁର୍ଗ, ରାଜପ୍ରାସାଦ ଏବଂ ଧାର୍ମିକ ସ୍ମାରକ ଗୁଡ଼ିକ (ଚିତ୍ରରେ ଦେଖ ଯୋଧପୁର/ଜୟପୁର)ସମ୍ରାଟମାନଙ୍କ ଦ୍ୱାରା ତିଆରି କରାଯାଇଥିଲା । ରାଜକୀୟ ବାସସ୍ଥାନ ତଥା ପୂଜାସ୍ଥଳୀ ରୂପେ ବ୍ୟବହାର ହେବା ସହିତ ଏହା ତିଆରି କରିଥିବା ବ୍ୟକ୍ତିମାନଙ୍କର କ୍ଷମତା ଓ ଗୌରବର ମଧ୍ୟ ପରିପ୍ରକାଶ କରୁଥିଲା । ଏଥି ସହିତ ଯଦିଓ ଭୌତିକ ସଂସାଧନର ମହତ୍ୱ ରହିଛି ତଥାପି ଏହା ସର୍ବଦା ନିର୍ଣ୍ଣୟକ ହୋଇ ନଥିଲା । ମୀରା ବାଈ ନିଜର ଆଧାତ୍ମିକ ଲକ୍ଷକୁ ପୂରଣ କରିବା ପାଇଁ ଚିତ୍ତୋରର ଆଭିଜାତ୍ୟ ଭରା ରାଜପ୍ରାସାଦ ତଥା ଧନ ସମ୍ପଦ ପରିହାର କରି ଗୃହ ଶୂନ୍ୟ ଏବଂ ସ୍ୱାଧୀନ ଜୀବନ ଯାପନ ଆରମ୍ଭ କରିଥିଲେ । ଆଜି ଆମ୍ଭେ ତାଙ୍କର ସ୍ୱାମୀଙ୍କ ପରିବର୍ତ୍ତେ ତାଙ୍କର ଗୀତ ଗୁଡ଼ିକୁ ମନେପକାଉଛୁ ।

## ୨୯.୨ ପାଠଗତ ପ୍ରଶ୍ନ

ଶୂନ୍ୟସ୍ଥାନ ପୂରଣ କର ।

୧. ..............ର ସ୍ତୁପ ଧାର୍ମିକ ବାସ୍ତୁକଳାର ଉଦାହରଣ ଅଟେ ।

୨. ବୈଦିକ ମନ୍ତ୍ର ଉଚ୍ଚାରଣ ............... ସଙ୍ଗୀତର ଏକ ରୂପ ଅଟେ ।

୩. ...............ତାମିଲନାଡୁର ପ୍ରସିଦ୍ଧ ମହିଳା ସନ୍ଥ ।

୪. ................ସୁପ୍ରସିଦ୍ଧ କାଶ୍ମିରୀ କବିମାନଙ୍କ ମଧ୍ୟରୁ ଏକ ଅଟନ୍ତି ।

୫. ଭକ୍ତି ଏବଂ ସୁଫି ସନ୍ଥମାନେ .................ଭାଷାରେ କବିତା ଲେଖିଥିଲେ ।

୬. ......................ସୁପ୍ରସିଦ୍ଧ କାଶ୍ମିରୀ କବିତା ମଧ୍ୟରୁ ଏକ ଅଟେ ।

୭. ଆମ୍ଭର ପୋଷାକ __________ ଅପେକ୍ଷା__________ ଅନୁସାରେ ଭିନ୍ନ ହୁଏ ।

୮. ଦୁର୍ଗ ଏବଂ ମହଲ__________ ଦ୍ୱାରା ତିଆରି ହୋଇଥିଲା ।

## ୨୯.୬ ସାଂସ୍କୃତିକ ପାରସ୍ପରିକ କ୍ରିୟା

ଆମ ସଂସ୍କୃତି ଅନେକ ସମୟରେ ପାରସ୍ପରିକ କ୍ରୀୟା ଦ୍ୱାରା ସୃଷ୍ଟି ହୋଇଥାଏ । ଏହା ସେତେବେଳେ ସମ୍ଭବ ହୋଇଥାଏ ଯେତେବେଳେ ବିଭିନ୍ନ ସାଂସ୍କୃତିକ ପରମ୍ପରାର ଲୋକମାନେ ପରସ୍ପରର ସମ୍ପର୍କରେ ଆସନ୍ତି । ଉକ୍ତ ସମ୍ପର୍କ ସୌଦାଗର ଅଥବା ବଣିକମାନଙ୍କର ଅଭିଯାନ ଅଥବା ଜଳଯାତ୍ରାର ଜରିଆରେ ସ୍ଥାପିତ ହୋଇଥାଏ ଅଥବା ସେତେବେଳେ ହୋଇଥାଏ ଯେତେବେଳେ ଆକ୍ରମଣକାରୀ କୌଣସି ଦେଶ ଉପରେ ହସ୍ତକ୍ଷେପ କରିଥାଆନ୍ତି । ଏହା ମଧ୍ୟ ଘଟିଥାଏ ଯେତେବେଳେ ଯାତ୍ରୀ ବା ତୀର୍ଥଯାତ୍ରୀ ସୁଦୂର ଦେଶକୁ ଯାତ୍ରା କରିଥାଆନ୍ତି ଅଥବା ଯେବେ କୁଶଳୀ କାରୀଗର ଏବଂ ପୁରୁଷ ଓ ସ୍ତ୍ରୀ ଶ୍ରମିକମାନେ ରୋଜଗାର ପାଇବା ଆଶାରେ ଏକ ଜାଗାରୁ ଅନ୍ୟ ଜାଗାକୁ ଯାତ୍ରା କରିଥାଆନ୍ତି ।

ଉକ୍ତ ପାରସ୍ପରିକ କ୍ରୀୟାରେ ଜଡ଼ିତ ଲୋକମାନେ ବଭିନ୍ନ ଲୋକମାନଙ୍କର ବିଭିନ୍ନ ପ୍ରଥାଗୁଡ଼ିକୁ ଶିଖନ୍ତି ଏବଂ ନିଜର ଚିନ୍ତାଧାରା ତଥା ପ୍ରଥାଗୁଡ଼ିକୁ ନୂତନ ସ୍ଥାନକୁ ନେଇ ଯାଇ ଥାଆନ୍ତି । ଉକ୍ତ ପ୍ରକ୍ରିୟାରେ ଯୋଗ ଦେଉଥିବା ସମସ୍ତ ଲୋକଙ୍କର ସାଂସ୍କୃତିକ ପ୍ରଥାମାନଙ୍କରେ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଥାଏ ।

ଚାଲ ଖାଇବାର ଉଦାହରଣ ବିଚାର କରିବା । ତୁମେ ଜାଣିଅଛ ଯେ ଆଳୁ ଏବଂ ବିଲାତି ପରି ପରିବା ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ପର୍ତ୍ତୁଗୀଜ ବଣିକ ତଥା ସୈନିକମାନଙ୍କ ଦ୍ୱାରା ଭାରତକୁ ଅଣାଯାଇଥିଲା ? ଏବଂ ଚୀନ୍‌ରୁ ଆସିଥିଲା ? ଚାଉଳ ଏବଂ ଡ଼ାଲି ଭଳି ଖାଦ୍ୟ ପଦାର୍ଥ ଯାହାର ଆମେ ଉପଯୋଗ କରୁ ତଥା ସୋରିଷ ଓ ରାଶୀ (ଖସା, ତୀଲ)ଭଳି ତୈଳବୀଜ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବରୁ ଭାରତରେ ଉତ୍ପାଦିତ ହେଉଅଛି ।

ତୁମେ ଯଦି ଆଜିର ଆମ ଖାଦ୍ୟ ଉପରେ ନଜର ଦେବ ଦେଖିପାରିବ ଯେ ଏହା ପାରମ୍ପରିକ ଉପଲବ୍ଧ ଖାଦ୍ୟ ଏବଂ ବର୍ତ୍ତମାନ ସହିତ ଯୋଡ଼ି ହୋଇଥିବା ଖାଦ୍ୟ ପଦାର୍ଥର ଏକ ମିଶ୍ରଣ ଅଟେ । ଏଥି ସହିତ ବିଶ୍ୱର ଅନ୍ୟ ଅଞ୍ଚଳ ଯଥା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଗ୍ରେଟ ବ୍ରିଟେନରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଭାରତୀୟ ଭୋଜନ ପାଇଁ ରୁଚି ବିକଶିତ ହୋଇଅଛି । ବିଶେଷ କରି ତରକାରୀ ଏବଂ କବାବ ପାଇଁ । ପରବର୍ତ୍ତୀ ପାଠ୍ୟକ୍ରମରେ ତୁମେ ସାଂସ୍କୃତିକ ପାରସ୍ପରିକ କ୍ରିୟା ଏବଂ ଏହାର ପ୍ରଭାବ ଉପରେ ଉଦାହରଣମାନ ଦେଖିପାରିବ ।

## ୨୯.୩ ପାଠଗତ ପ୍ରଶ୍ନ ସଠିକ୍ ବା ଭୁଲ ଚିହ୍ନ ଲଗାଅ

୧. ସୌଦାଗରମାନେ ନୂତନ ଦେଶକୁ ଯାତ୍ରା କଲେ ସାଂସ୍କୃତିକ ପାରସ୍ପରିକ କ୍ରିୟା ଘଟିଥାଏ ।

୨. ଆକ୍ରମଣ ଦ୍ୱାରା ସାଂସ୍କୃତିକ ପାରସ୍ପରିକ କ୍ରିୟା ହୋଇ ନଥାଏ ।

ଟିପ୍ପଣୀ


୩. ଭେ' ମଧ୍ୟ ଆମେରିକାରେ ଚାଷ କରାଯାଏ ।

୪. ସୋରିଷ ଏବଂ ରାଶି ତେଲ ଭାରତକୁ ପର୍ତ୍ତୁଗିଜମାନଙ୍କ ଦ୍ୱାରା ଅଣା ଯାଇଥିଲା ।

୫. ତରକାରୀ ଗ୍ରେଟ ବ୍ରିଟେନରେ ଲୋକପ୍ରିୟ ହୋଇଅଛି ।

## ୨୯.୭ ବିଶ୍ୱ ବ୍ୟାପ୍ତିକରଣ

ସମଗ୍ର ବିଶ୍ୱକୁ ଏକ ଆର୍ଥିକ ଏବଂ ସାଂସ୍କୃତିକ ତନ୍ତ୍ରର (Network) ଅଧିନସ୍ଥ କରିବା ପ୍ରକ୍ରୀୟାକୁ ବିଶ୍ୱ ବ୍ୟାପ୍ତି କୁହାଯାଏ ।




ଚିତ୍ର ୨୯.୧୧ ଭାରତର ବିମାନପଥ

## ୨୯.୮ ବିଶ୍ୱ ବ୍ୟାପ୍ତ ଗାଁ କ'ଣ ?

ତୁମେ ବିଶ୍ୱବ୍ୟାପ୍ତ ଗାଁ ର ଅଭିବ୍ୟକ୍ତ ଶୁଣିଥିବ । ପ୍ରଥମ ସ୍ତରରେ ଏହା ବିରୋଧାଭାସି ଲାଗିପାରେ । କୌଣସି ଜିନିଷ ଏକ ସଙ୍ଗେ ବିଶ୍ୱ ବ୍ୟାପ୍ତି ଏବଂ ଗ୍ରାମ ଏକ ସଙ୍ଗରେ କିପରି ହୋଇ ପାରିବ ?

ବିଶ୍ୱବ୍ୟାପ୍ତ ଗ୍ରାମର ଶବ୍ଦାବଳୀ ପ୍ରଥମେ ମେକ୍ ଲୁହାନ (Me-Luhan) ନାମକ ଜଣେ ବିଦ୍ୱାନ ବ୍ୟବହାର କରିଥିଲେ । ସେ ଅନୁଭବ କରିଥିଲେ ଯେ ଟେଲିଭିଜନର ବର୍ଦ୍ଧିତ ବ୍ୟବହାର ସହିତ ସଂପ୍ରେଷଣ (Communication) ମଧ୍ୟ ନାଟକୀୟ ଭାବେ ପରିବର୍ତ୍ତିତ ହେବ । ଏହାର ଅର୍ଥ

ହେଲା ଯେ ଲୋକମାନେ ହଜାରେ ମାଇଲ ଦୂରକୁ ସଙ୍ଗେ ସଙ୍ଗେ ସମ୍ବାଦ ପଠାଇବାରେ ସକ୍ଷମ ହେବେ । ଏହା ଫଳରେ ପ୍ରାକୃତିକ ଦୂରତା (Physical distance) ବର୍ତ୍ତମାନ ସଂପ୍ରେଷଣକୁ ବନ୍ଦ କରିବା, ବାଧା ଦେବା ଅଥବା ଧିମା ଗତି ପ୍ରଦାନ କରିବାକୁ ସମ୍ଭବ ହେବ ନାହିଁ ।

ବିଗତ କିଛି ଦଶନ୍ଧି ଧରି ତଥା ବିଶେଷ କରି ପିଛିଲା ଦଶ ବର୍ଷ ମଧ୍ୟରେ ଉପଗ୍ରହ ଏବଂ ଅନ୍ୟ ସଶକ୍ତ ପ୍ରଦ୍ୟୋଗିକିୟ ଉପକରଣର ବ୍ୟବହାର ଦ୍ୱାରା ବ୍ୟାପକ ଭାବେ ବ୍ୟବହୃତ ଟି.ଭି. ନେଟୱାର୍କର ଉପଯୋଗ ଏହି ବିଶ୍ୱାସକୁ ପ୍ରତିପାଦନ କରେ ଯେ ମେକ୍ ଲୁହାନଙ୍କ (MC-Luhan) ଭବିଷ୍ୟତବାଣୀ ସତ୍ୟ ହୋଇଅଛି । ଭାରତରେ ଆମେ ବସି ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦଗ୍ରହଣ କରିବା ଅଥବା ସାରଜାର କ୍ରିକେଟ ମ୍ୟାଚ୍ ଦେଖି ପାରୁଅଛୁ । କିନ୍ତୁ ଏହା ପରେ ଆମ୍ଭେ ପଚାରି ପାରିବା ଯେ ଲୋକମାନଙ୍କ ମଧ୍ୟରେ ପାର୍ଥକ୍ୟ କେବଳ ଭୌତିକ ପାର୍ଥକ୍ୟ ଅଟେ କି ?

ଗ୍ରାମରେ ଏକ ସଙ୍ଗରେ ରହୁଥିବା ଅଧିକାଂଶ ଲୋକ ଚାଷୀ ଅଟନ୍ତି । ତେଣୁ ସେଠାରେ ରହୁଥିବା ଧନୀ-ଜମିଦାର, ଛୋଟ ଚାଷୀ, ଭାଗ ଚାଷୀ, କାରିଗର ବର୍ଗ ଏବଂ ଭୂମିହୀନ କୃଷି ମୂଲିଆମାନଙ୍କ ମଧ୍ୟରେ ସ୍ୱାଭାବିକ ଅନ୍ତର ରହିଅଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ଭୌତିକ ରୂପରେ ଜଣେ ଲୋକ ଅନ୍ୟ ଲୋକଙ୍କର ଅତି ନିକଟତର ହେଲେ ମଧ୍ୟ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ଅଲଗା ହୋଇ ଥାଆନ୍ତି । ଜମିଦାରମାନେ ଅଧିକ କ୍ଷମତାଶାଳୀ ହୋଇଥିବାରୁ ସେମାନେ ଗ୍ରାମର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରସ୍ପର କ୍ରୀୟାରେ ନିଜର ପ୍ରଭାବ ବିସ୍ତାର କରୁଥିଲେ । ଏଣୁ ସଂପ୍ରେଷଣ ସିଧା ସଳଖ ତଥା ସାମ୍ନା-ସାମ୍ନି ହେଲେ ମଧ୍ୟ ଏହି ତଥ୍ୟରେ ପ୍ରଭାବିତ ହେଲୁ ଯେ ଏଥିରେ ଭାଗ ନେଉଥିବା ଲୋକମାନଙ୍କ ସାମାଜିକ ସ୍ତର ସମାନ ହୋଇ ନଥିଲା ।

ବିଶ୍ୱ ଗ୍ରାମରେ ସମସ୍ୟା ଆହୁରି ବଢି ଯାଇଥିଲା । ଏଠାରେ ସମ୍ପ୍ରେଷଣ ସହରରେ ରହୁଥିବା ଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ତୁମ୍ଭେ ହାରାହାରି ଭାବେ ଦେଖିଥିବ ଯେ ସହରରେ ବାସ କରୁଥିବା ଲୋକମାନେ ଗ୍ରାମବାସୀମାନଙ୍କ ତୁଳନାରେ ଅଧିକ ଧନଶାଳୀ ତଥା ପ୍ରଭାବଶାଳୀ ହୁଅନ୍ତି । ଆମ୍ଭେ ଏକ ପାଦ ଅଗ୍ରସର ହୋଇ ଭାରତ ଭଳି ବିକାଶଶୀଳ ଦେଶର ସହର ଏବଂ ବିକଶିତ ଆମେରିକା ଦେଶର ସହରଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦକୁ ଦେଖି ପାରିବା । ଆମେରିକାର ସହରରେ ରହୁଥିବା ଲୋକମାନଙ୍କଠାରୁ ଅଧିକ ଧନଶାଳୀ ଏବଂ ବିକଶିତ ଦେଶର ସହରରେ ରହୁଥିବା ଶକ୍ତିଶାଳୀ ଲୋକମାନେ ପ୍ରାୟତଃ ଟି.ଭି. କାର୍ଯ୍ୟକ୍ରମର ନିର୍ମାଣ ତଥା ପ୍ରସାରଣ କରିଥାଆନ୍ତି । ଯାହାକୁ କି ଆମ୍ଭେ ପ୍ରାପ୍ତ କରିଥାଉଁ ।

ବିଶ୍ୱ ଗ୍ରାମରେ ଏହା ହୋଇଥିଲା ଯେ ଦୂରତାକୁ ଜୟ କରାଯାଇଥିଲା ବେଳେ ସଂପ୍ରେଷଣ ଏକ ତରଫା ପ୍ରକ୍ରୀୟାରେ ପରିଣତ ହୋଇଥିଲା । ଟି.ଭି. ପ୍ରଯୋଜକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମକୁ ଆମ୍ଭେ ଦେଖି ଏବଂ ଶୁଣି ପାରିବା ବେଳେ କୌଣସି ବାସ୍ତବିକ କଥୋପକଥନ ହୋଇ ପାରୁ ନଥିଲା । ଏଥିପାଇଁ ଗାଁରେ ରହି ସାମ୍ନା-ସାମ୍ନି ବସି କଥାବାର୍ତ୍ତା କରିବା ପରିବର୍ତ୍ତେ ଯେଉଁଠି ଆମେ ଚର୍ଚ୍ଚା କରିବା, ହସ୍ତକ୍ଷେପ କରିପାରିବା, ଝଗଡ଼ା କରିପାରିବା



ଟିପ୍ପଣୀ

ସହିତ ମନାଇ ପାରିବା, ବିପରିତରେ ଆମେ କେବଳ ଟି.ଭି.ରେ ଆସୁଥିବା ସବୁକୁ ପାଉଛେ ଏବଂ ଅନୁକରଣ କରି ହେଉଛି । ଯାହା ଆମକୁ ଦେଖାଇ ଦିଆ ଯାଉଛି ତା'ଉପରେ କୌଣସି ପ୍ରଶ୍ନ କରିବା ଅଥବା ପ୍ରତିବାଦ କରିବା ଅତ୍ୟନ୍ତ କଠିନ ଥିଲା ।

## ୨୯.୯ ବିଜ୍ଞାପନ ଏବଂ ଉପଭୋକ୍ତାବାଦ

ଉକ୍ତ କାର୍ଯ୍ୟକ୍ରମର ବିଚାର କର ଯାହାକି ଆମେ ରେଡ଼ିଓରୁ ଶୁଣୁଛେ ତଥା ଟି.ଭି.ରୁ ଦେଖୁଛେ ଯଥା:-ସମ୍ବାଦ, ସିନେମା, ଆଲୋଚନା ଏବଂ ବିଜ୍ଞାନ, ସଙ୍ଗୀତ, ଇତିହାସ ଓ ଖେଳ ଉପରେ କାର୍ଯ୍ୟକ୍ରମ ଇତ୍ୟାଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଅସୀମ ଭଣ୍ଡାର । ଆମର ଯାହା ପସନ୍ଦ ତାହା ଦେଖିଲେ କୌଣସି କିଛି ଯାଏ ଆସେ ନାହିଁ କିନ୍ତୁ ଏଥି ସହିତ ଆମ୍ଭେ ଶହେ ନଦେଖିଲେ ମଧ ଏକ ଡ଼ର୍ଜନ ବିଜ୍ଞାପନ ଦେଖି ଥାଉଁ । ଏହା କ'ଣ ପାଇଁ ହେଉଛି ??? ଏହାର କାରଣ ହେଲା ବିଜ୍ଞାପନ ଦାତା ଅଥବା ପ୍ରଯୋଜକ ଉକ୍ତ କାର୍ଯ୍ୟକ୍ରମ ପାଇଁ ଅର୍ଥ ଦେଇ ଥାଆନ୍ତି ଯାହାକୁ ଆମେ ଦେଖୁ । ସେମାନେ ସାଧାରଣତଃ ଅତି ଯତ୍ନର ସହିତ ଲୋକପ୍ରିୟ କାର୍ଯ୍ୟକ୍ରମକୁ ବାଛିବା ପାଇଁ ଧ୍ୟାନ ଦେଇ ଥାଆନ୍ତି କାରଣ ଏହା ଏକ ବିଶାଳ ଦର୍ଶକ ବର୍ଗଙ୍କ ପାଖରେ ପହଞ୍ଚି ପାରିବ । ତେଣୁ ଏମାନେ ଲକ୍ଷାଧିକ ଲୋକଙ୍କ ପାଖରେ ନିଜର ଉତ୍ପାଦନକୁ ବିଜ୍ଞାପିତ କରିପାରୁଛନ୍ତି ।

ବିଜ୍ଞାପନ ଦାତାମାନେ ଆଶା କରନ୍ତି ଯେ ନିଜ ମନପସନ୍ଦର ଟି.ଭି. ପୋଗ୍ରାମ ଦେଖିବା ସମୟରେ ଆମ୍ଭେ ଏମାନଙ୍କର ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ଏବଂ ସେମାନେ ଏଗୁଡ଼ିକୁ କିଣିବା ପାଇଁ ଲାଳାୟିତ ହେବେ । ଅନ୍ୟ ଭାଷାରେ କହିଲେ ସେମାନେ ତାଙ୍କର ବ୍ରାଣ୍ଡ (Brand)ଉତ୍ପାଦକୁ କିଣିବାକୁ ଆମ୍ଭମାନଙ୍କୁ ପ୍ରବର୍ତ୍ତାଇବେ । ସେଗୁଡ଼ିକ ଯାହା ହେଲେ ମଧ କିଛି ଫରକ୍ ପଡ଼େ ନାହିଁ । ଯଥା:-ସାବୁନ୍, କ୍ରିମ୍, କାର, ଗୃହପୋକରଣ ଇତ୍ୟାଦିର ଅନନ୍ତ ସୁଚୀ । ସଙ୍ଗେ ସଙ୍ଗେ ଦରକାର ନଥିବା ଜିନିଷ ଏବଂ ଆମର ଅତି ଆବଶ୍ୟକ ହୋଇ ନଥିବା ଜିନିଷ ଏବଂ ବେଳେବେଳେ ନିଜର ଆର୍ଥିକ କ୍ଷମତାର ବର୍ହିଭୁତ ଜିନିଷ କିଣିବାର ପ୍ରବୃତ୍ତିକୁ ଉପଭୋକ୍ତାବାଦ ରୂପେ (consumerism) ଜଣାଯାଏ ।

ଏଣୁ ଦୂରତା ନାଟକୀୟ ଭାବେ ସଙ୍କୁଚିତ ହୋଇ ଯାଇଥିବା ବେଳେ ନୂତନ ଜ୍ଞାନ କୌଶଳ ବୃହତ ଉତ୍ପାଦନକାରୀ ତଥା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ହିତସାଧନ ପାଇଁ ବ୍ୟବହୃତ ହେଉଅଛି । ସେମାନେ ଉପଭୋକ୍ତାମାନଙ୍କର ଏକ ବିଶାଳ ଜନସଂଖ୍ୟା ସୃଷ୍ଟି କରନ୍ତି ଯେଉଁମାନେ ନିଜର ଆୟକୁ ବିଭିନ୍ନ ଜିନିଷ କିଣିବାରେ ଖର୍ଚ୍ଚ କରିବା ସହିତ ଧାର କରି ନିଜ ମନମୁତାବକ ଜିନିଷ କିଣିବା ପାଇଁ ପ୍ରବର୍ତ୍ତାଇ ଥିଲେ ।

ବର୍ତ୍ତମାନ ଏହା କାର୍ଯ୍ୟକାରୀ ହେବାରୁ ବିଶ୍ୱବ୍ୟାପ୍ତି ସାମାନ୍ୟତ ସବୁଠାରୁ ବଡ଼ ଉଦ୍ୟୋଗପତିମାନଙ୍କର ସ୍ୱାର୍ଥକୁ ଅନ୍ୟ ସମସ୍ତଙ୍କ ଅପେକ୍ଷା ଅଧିକ ପୂରଣ କରୁଅଛି । ବିଶ୍ୱବ୍ୟାପ୍ତିକୁ ପ୍ରକୃତରେ ହିତକାରୀ କରିବା ପାଇଁ ସାଂସ୍କୃତିକ ବିବିଧତାକୁ ସମ୍ମାନ ଦେଇ ପରସ୍ପର ମଧ୍ୟରେ ଏକ ବୁଝାମଣାର ବିକାଶ ହେବା ଦରକାର ଏବଂ ଏଥି ସହିତ ବିଶ୍ୱର ସମ୍ବଳକୁ ଅଳ୍ପ କେତେକଙ୍କ ହାତରେ କେନ୍ଦ୍ରିଭୂତ ହୋଇ ରଖିବା ପରିବର୍ତ୍ତେ ଏହାର ସୁଷମ ବଣ୍ଟନ ହେବା ଆବଶ୍ୟକ ।

ଆମକୁ ଏହା ମଧ୍ୟ ମନେରଖିବାକୁ ହେବ ଯେ ବିଶ୍ୱବ୍ୟାପ୍ତିର ସମ୍ଭାବିତ ଲାଭକୁ ଉପେକ୍ଷା କରାଯାଇନପାରେ । ଟିଭି କାର୍ଯ୍ୟକ୍ରମ ଜରିଆରେ ବିଦେଶୀ ବସ୍ତୁ କିଣିବା ପାଇଁ ପ୍ରବର୍ତ୍ତାଇବା ସହିତ ଆମ୍ଭକୁ ବିଦେଶୀ ସଂସ୍କୃତି ବିଷୟରେ ମଧ୍ୟ ଶିକ୍ଷା ଦାନ କରିଥାଏ । ଆମକୁ ନିର୍ଣ୍ଣୟ କରିବାକୁ ପଡିବ ଯେ କେଉଁ ଜିନିଷକୁ ସ୍ୱୀକାର କରିବା ଦରକାର ଏବଂ କାହାକୁ ଅସ୍ୱୀକାର କରିବା ଦରକାର । ବିଶ୍ୱବ୍ୟାପ୍ତି ଏପରି ଏକ ବ୍ୟବସ୍ଥା ଯେ ତାହା ସହିତ ଏବେ ଆମେ ଜୀବନ କଟାଉଛୁ । ଆମ୍ଭେ ବୁଝିବା ଦରକାର ଯେ ଏହା ସହିତ ମଧ୍ୟ ନିଜର ସ୍ୱତନ୍ତ୍ରତାକୁ ନେଇ ବଞ୍ଚିବା ଦରକାର ।

## ୨୯.୪ ପାଠଗତ ପ୍ରଶ୍ନ

ଶୂନସ୍ଥାନ ପୂରଣ କର

୧. ବିଶ୍ୱବ୍ୟାପ୍ତି ................. ଏବଂ ସାଂସ୍କୃତିକ ସଂପ୍ରେଷଣ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରୁଅଛି ।

୨. ................ଶବ୍ଦ ମେକ-ଲୁହାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା ।

୩. ବିଜ୍ଞାପନଦାତା ଟିଭି କାର୍ଯ୍ୟକ୍ରମକୁ .................. କରନ୍ତି ।

୪. ବିଶ୍ୱର ସଂପ୍ରେଷଣ ଉପରେ ...... ଦେଶମାନେ ନିଜର ପ୍ରାଧାନ୍ୟ ବଜାଇ ରଖିଛନ୍ତି ।

---

## ତୁମେ କଣ ଶିଖିଲ

ସଂସ୍କୃତି ମାନବର ଏକ ଅଭିନ୍ନ ଅଙ୍ଗ ଅଟେ । ସଂସ୍କୃତିର ପରିପ୍ରକାଶ ପାଇଁ ଅନେକ ସ୍ୱରୂପ ଅଛି । ଜନସାଧାରଣଙ୍କ ଦ୍ୱାରା କିମ୍ବା ତାଙ୍କ ପାଇଁ ତିଆରି କରାଯାଇଥିବା ସ୍ୱରୂପକୁ ଲୋକ ସଂସ୍କୃତି କୁହାଯାଏ ଅନ୍ୟଥା ଅଧିକ ଅନନ୍ୟ ସ୍ୱରୂପକୁ ଶାସ୍ତ୍ରୀୟ ସଂସ୍କୃତି କୁହାଯାଏ । ସଂସ୍କୃତିରେ ଆମର ସାମାଜିକ ରୀତି ନୀତି , ଲୁଗାପଟା, ଭୋଜନ ଆଦି ଜିନିଷ ରହିଥାଏ ଯାହାକୁ ଆମେ ଦୈନନ୍ଦିକ ଜୀବନର ବ୍ୟବହାର କରୁଁ । ଆମ୍ଭର ସାଂସ୍କୃତିକ ପ୍ରଥାଗୁଡିକ ଆମର ଧର୍ମବିଶ୍ୱାସ ଏବଂ ଆମର ସାମାଜିକ ଓ ଆର୍ଥିକସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ଲୋକମାନଙ୍କ ମଧ୍ୟରେ ହେଉଥିବା ପରସ୍ପର କ୍ରିୟା ଦ୍ୱାରା ଆକାର ଗ୍ରହଣ କରିଥାଏ । ଆଜିର ସ୍ଥିତିରେ ବିଶ୍ୱବ୍ୟାପ୍ତିର ପରସ୍ପର କ୍ରିୟାର ଏକ ବିଶିଷ୍ଟ ସ୍ୱରୂପ ପ୍ରସ୍ତୁତ କରୁଅଛି । ଏହା ଏକ ମିଶ୍ରିତ ଆଶୀର୍ବାଦ ଅଟେ । ଏହା ଅଧିକାଂଶ ସମୟରେ ଉପଭୋକ୍ତାବାଦ ଆଡ଼କୁ ଗତି କରିଥାଏ । ଏହାକୁ ନିଜର ଉତ୍ପାଦଗୁଡିକର ବିଜ୍ଞାପନ ଦେଉଥିବା ଉତ୍ପାଦନକାରୀ ମାନଙ୍କଦ୍ୱାରା ପ୍ରୋତ୍ସାହିତ କରାଯାଏ । ଏଥି ସହିତ ବିଶ୍ୱବ୍ୟାପ୍ତି ଏକ ଲାଭପ୍ରଦ ଶକ୍ତି ଏହା ଆମକୁ ଦୂର ଦୂରାନ୍ତ ସହିତ ସମ୍ପର୍କ ରଖିବାରେ ସାହାଯ୍ୟ ପ୍ରଦାନ କରେ ଏବଂ ବିଚାର ଏବଂ ସୂଚନାର ଆଦାନ ପ୍ରଦାନ କରିବାରେ ସୁବିଧା ଯୋଗାଇଥାଏ ।



ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ପାଠରେ ବର୍ଣ୍ଣିତ ସାଂସ୍କୃତିକ ଅଭିବ୍ୟକ୍ତିର ସମସ୍ତ ସ୍ୱରୂପର ସୂଚନା ପ୍ରଦାନ କର। ଏମାନଙ୍କ ମଧ୍ୟରୁ ତୁମେ ଶୁଣିଥିବା ଏବଂ ଦେଖିଥିବା ପଦାର୍ଥ ଗୁଡ଼ିକରେ ଠିକ୍ ଚିହ୍ନ ପ୍ରଦାନ କର। ଏଥି ସହିତ ତୁମେ କେବେ ଏବଂ କେଉଁଠାରେ ଦେଖିଛ ବା ଶୁଣିଛ ଉଲ୍ଲେଖ କର। (ଯଥା:-ତୁମର ପ୍ରିୟ ଗୀତ ବା ଚିତ୍ରକଳା)

୨. କେଉଁ କେଉଁ ଉପାୟରେ ଆମର ସାମାଜିକ ତଥା ଆର୍ଥିକ ସ୍ଥିତି ଆମ ସଂସ୍କୃତିକୁ ପ୍ରଭାବିତ କରେ ବର୍ଣ୍ଣନା କର। କ'ଣ ତୁମେ ଚିନ୍ତା କରୁଅଛ କି ଏଗୁଡ଼ିକ ମହତ୍ୱ ପୂର୍ଣ୍ଣ? କାରଣ ପ୍ରତିପାଦନ କର।

୩. ନିଜେ ଯାଇଥିବା ଏକ ସ୍ଥାନ ବିଷୟରେ ଚିନ୍ତା କର ଏହା କ'ଣ ତୁମ (କ) ଜିଲ୍ଲାରେ ଥିଲା (ଖ) ରାଜ୍ୟରେ ଥିଲା (ଗ) ଦେଶରେ ଥିଲା? ଉକ୍ତ ସ୍ଥାନର ଲୋକଙ୍କ ସଂସ୍କୃତି ଯାହାକି ନିଜଠାରୁ ଅଲଗା ବା ନିଜ ସହିତ ସମାନ ତା'ର ବର୍ଣ୍ଣନା କର।

୪. ବୈଶିକ ଗ୍ରାମରେ ସଂପ୍ରେଷଣର ସ୍ୱରୂପ ବର୍ଣ୍ଣନା କର। ଏକ ସାଧାରଣ ଗାଁର ସଂପ୍ରେଷଣର ତୁଳନାରେ ଏଠାରେ କି ପ୍ରକାର ଭିନ୍ନତା ପରିଲକ୍ଷିତ ହୁଏ ତାହା ପ୍ରତିପାଦନ କର।

୫. କୌଣସି ଦୈନିକ ଖବରକାଗଜ ଅଥବା ମେଗାଜିନରୁ ୫ ଖଣ୍ଡ ବିଜ୍ଞାପନ କାଟି ଚିଟାଇ ଦିଅ। ବିଜ୍ଞାପିତ ଉତ୍ପାଦର ବର୍ଣ୍ଣନା କର। ଏହା କେଉଁଠାରେ ତିଆରି ହେଉଛି? ଏହା କେଉଁଠାରେ ଉପଲବ୍ଧ ହେଉଛି ଏବଂ ଏହାର ଦାମ୍ କେତେ? ବିଜ୍ଞାପନ ଦାତା କି ପ୍ରକାର ନିଜର ଜିନିଷକୁ କିଣିବା ପାଇଁ ପ୍ରେରଣା ଦେଉଅଛି ତାହା ଉଲ୍ଲେଖ କର।

### ୨୯.୧ ପାଠଗତ ପ୍ରଶ୍ନର ଉତ୍ତର

୧. (କ) ସାଂସ୍କୃତିକ ଅଭିବ୍ୟକ୍ତିର ସ୍ୱରୂପ
(ଖ) ମୋଗଲ ବାସ୍ତୁକଳା
(ଗ) ସଂସ୍କୃତ କାବ୍ୟ
(ଘ) ସାମାଜିକ ରୀତିନୀତି
(ଙ) ଭୌତିକ ସଂସ୍କୃତି

୨. (୧) ଭୁଲ
(୨) ଠିକ୍
(୩) ଭୁଲ
(୪) ଠିକ୍
(୫) ଭୁଲ

୨୯.୨

(୧) ଠିକ୍

(୨) ଧାର୍ମିକ

(୩) ଆଗ୍ରାଲ

(୪) ଲାଇଟେଟ୍

(୫) ଜନସାଧାରଣ

(୬) ମୌଖିକ

(୭) ଧର୍ମ

(୮) ଶାସକ

୨୯.୩

(୧) ଠିକ୍

(୨) ଭୁଲ

(୩) ଭୁଲ

(୪) ଭୁଲ

(୫) ଠିକ୍

୨୯.୪

(୧) ଅର୍ଥ ବ୍ୟବସ୍ଥା

(୨) ବିଶ୍ୱ ଗ୍ରାମ

(୩) ସ୍ପନସର (Sponser)

(୪) ବିକଶିତ

## ଶବ୍ଦାବଳୀ

ମାନବ ବିଜ୍ଞାନ - ଏହାର ଶବ୍ଦାର୍ଥ ହେଲା ମାନବର ବିଜ୍ଞାନ । ଏଥିରେ ଭୌତିକ ଓ ସାମାଜିକ ଦୁଇ ଦୃଷ୍ଟିକୋଣରୁ ମାନବକୁ ଅଧ୍ୟୟନ କରାଯାଏ ।

ପ୍ରତ୍ନତତ୍ତ୍ୱବିତ୍ - ଅତୀତ ସମାଜର ଭୌତିକ ଅବଶେଷର ବିଶ୍ଳେଷଣ କରି ଏହାକୁ ବୁଝାଇବା ପାଇଁ ଯେ ଆମକୁ ସାହାଯ୍ୟ କରିବା ବିଜ୍ଞାନୀ ।

ଶାସ୍ତ୍ରୀୟ - ଠିକ୍ ଅନୁପାତରେ ତିଆରି ହୋଇଥିବା ଜିନିଷ । କିଛି ଉତ୍କୃଷ୍ଟ ସାମଗ୍ରୀ ଯାହାକୁ ଉଲ୍ଲେଖ କରାଯାଇଥାଏ ।

ଉପଭୋକ୍ତାବାଦ - ନିଜର ଦରକାରଠାରୁ ଅଧିକ ଜିନିଷ ଓ ସେବା ଆଶା କରିବା ଏବଂ ବେଳେବେଳେ ନିଜର ସାମର୍ଥ୍ୟର ବାହାରେ ଥିବା ଜିନିଷ ରଖିବାର ପ୍ରବୃତ୍ତି ।

ଭୌତିକ ସଂସ୍କୃତି - ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଜିନିଷ ଯାହାକୁ ଆମେ ଦେଖିପାରିବା ଏବଂ ଛୁଇଁ ପାରିବା ।

ଲୋକପ୍ରିୟ - ଲୋକମାନଙ୍କର ସହିତ ଜଡ଼ିତ । ଯାହାକି ଲୋକମାନଙ୍କ ଦ୍ୱାରା ଅନୁମୋଦିତ ଅଥବା ଲୋକଙ୍କର ପସନ୍ଦଯୋଗ୍ୟ ଜିନିଷ ।

ବୈଦିକ ମନ୍ତ୍ରଉଚ୍ଚାରଣ (Chants):- ଚାରୋଟି ବେଦ ଅଛି ସେଥିରେ ମନ୍ତ୍ର ଅଛି ଯାହାକୁ କି ପର୍ବପର୍ବାଣୀ ଅଥବା ଯାଗ ଯଜ୍ଞ ସମୟରେ ଉଚ୍ଚାରଣ କରାଯାଏ ।